# ‘ନାଟକର ସାମାଜିକ ପ୍ରାସଙ୍ଗିକତା’ ଉପରେ ଆଲୋଚନା




ଭୁବନେଶ୍ୱର,୧୮।୪(ସୌମ୍ୟରଞ୍ଜନ ରାଉତ)

ଶତାବ୍ଦୀର କଳାକାର ନାଟ୍ୟାନୁଷ୍ଠାନର ୫୦ତମ ପ୍ରତିଷ୍ଠା ଦିବସ ପରିପ୍ରେକ୍ଷୀରେ ଶୁକ୍ରବାର ଭଞ୍ଜକଳା ମଣ୍ଡପରେ ଏକ ନାଟ୍ୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସାହିତ୍ୟ ଏକାଡେମୀର ପୂର୍ବାଞ୍ଚଳ ଶାଖା ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ନାଟ୍ୟ ନିର୍ଦ୍ଦେଶକ ଅନନ୍ତ ମହାପାତ୍ର ଉଦ୍‌ଘାଟନ କରିଥିଲେ। ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ନାଟ୍ୟ ନିର୍ଦ୍ଦେଶକ ଅନନ୍ତ ମହାପାତ୍ର, ନାଟ୍ୟକାର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ଓ ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ ଅତିଥି ଭାବେ ଯୋଗଦେଇଥିଲେ। ‘ନାଟକର ସାମାଜିକ ପ୍ରାସଙ୍ଗିକତା’ ଶୀର୍ଷକ ଉପରେ ନାରାୟଣ ସାହୁ, ବିଜୟ ଶତପଥୀ, ନରେନ୍ଦ୍ର ମିଶ୍ର, ସତ୍ୟବ୍ରତ ରାଉତ, ଗୌରାଙ୍ଗ ରାଉତ, ପ୍ରବୋଧ ରଥ, ଚୌଧୁରୀ ଜୟପ୍ରକାଶ ଦାସ, ଲଲାଟେନ୍ଦୁ ରଥ, ଉପେନ୍ଦ୍ର ପ୍ରସାଦ ନାୟକ ପ୍ରମୁଖ ମତ ରଖିଥିଲେ। ପ୍ରଥମ ଅଧିବେଶନରେ ଗୌରହରି ଦାସ ଅଧ୍ୟକ୍ଷତା କରିଥିବାବେଳେ ଶତାବ୍ଦୀର କଳାକାରର ସାଧାରଣ ସମ୍ପାଦକ ଧୀର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ଅଧ୍ୟକ୍ଷତା କରିଥିବାବେଳେ ଶତାବ୍ଦୀର କଳାକାରର ଉପଦେଷ୍ଟା ବିଜୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମର ଅଂଶସ୍ୱରୂପ ଡ଼. ଗୌରହରି ଦାସଙ୍କ ଗଳ୍ପ, ବିଜୟ ଶତପଥୀଙ୍କ ନାଟ୍ୟରୂପ ଓ ଡ଼. ଆଲୋକ ଅଗ୍ନିବେଶଙ୍କ ନିର୍ଦ୍ଦେଶିତ ନାଟକ ହାରମୋନିୟମ ମଞ୍ଚସ୍ଥ କରାଯାଇଥିଲା। ୧୯୯୯ ମହାବାତ୍ୟାରେ ଘଟିଥିବା ଏକ କରୁଣ କାହାଣୀକୁ ନେଇ ରଚିତ ଏହି ନାଟକଟି ବେଶ ହୃଦୟସ୍ପର୍ଶୀ ହୋଇଥିଲା। ରବୀନ୍ଦ୍ର ମଣ୍ଡପଠାରେ ୨୧ ତାରିଖରେ ବିପ୍ଳବୀ କୁଡିବାସ ଓ ୨୨ରେ ବାଞ୍ଛାର ବଗିଚା ମଞ୍ଚସ୍ଥ ହେବ ବୋଲି ସୂଚନା ଦିଆଯାଇଛି।